

# ଆଚାର୍ଯ୍ୟ ରମଣ

ନୋବେଲ ପ୍ରାଇଜ୍ ସିରିଜ — ଚତୁର୍ଥ ଖଣ୍ଡ

# ଆଚାର୍ଯ୍ୟ ରମଣ

ଶ୍ରୀ ରଘୁନାଥ ମହାପାତ୍ର, ବି. ଏ.

କଟକ-ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ :

ଶ୍ରୀ ଅନନ୍ତ ମିଶ୍ର

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

କଟକ : ୨

ତୃତୀୟ ସଂସ୍କରଣ

୧୯୭୧

ମୁଦ୍ରାକର :

ପ୍ରସାଦ ପ୍ରେସ

କଟକ : ୨

ମୂଲ୍ୟ—ଷାଠିଏ ପଇସା ମାତ୍ର

**Acharjya Raman**

Sri Raghunath Mahapatra

Publisher

Cuttack Students' Store

Cuttack

Third Edition

1971

Printer

Prasad Press

Cuttack-2

Price-60 Paisa

# ଆଚାର୍ଯ୍ୟ ରମଣ

## ବିଜ୍ଞାନ କ୍ଷେତ୍ରରେ ଭାରତ

ଏହି ଭାରତ ଭୂମିକୁ କେତେ ନେତା, କବି, ରାଜନୀତିଜ୍ଞ ସମାଜସେବୀ ଉଜ୍ଜ୍ୱଳ କରିଯାଇଛନ୍ତି । କାହିଁ କେତେ ଯୁଗରୁ ଭାରତ ସେମାନଙ୍କର ଜ୍ଞାନ ଗରିମାଦ୍ୱାରା ନିଜର ମହତ୍ତ୍ୱ ବଜାୟ ରଖିଛି । ଭାରତର ଅତୀତ ଇତିହାସ ଯେପରି ଉଜ୍ଜ୍ୱଳ, ବର୍ତ୍ତମାନ ସେହିପରି ମଧ୍ୟ ଦୀପ୍ତ । କେତେ ଗାଣିତିକ, ଜ୍ୟୋତିଷୀ ମଧ୍ୟ ଏ ଦେଶରେ ଜନ୍ମ ହୋଇଛନ୍ତି । ପୃଥିବୀର ପୁରାତନ ଦେଶମାନଙ୍କ ମଧ୍ୟରେ ଗ୍ରୀସ୍, ରୋମ୍, ମିଶର, ଭାରତ ଓ ଚୀନ ବିଶିଷ୍ଟ ସ୍ଥାନ ଅଧିକାର କରି ଆସିଛନ୍ତି । ବିଶେଷତଃ ଗ୍ରୀସ୍ ଓ ମିଶର ଦେଶପରି ଭାରତ ମଧ୍ୟ ଜ୍ୟୋତିଷ ଓ ଗଣିତ ଶାସ୍ତ୍ରରେ ସେହି ପୁରାତନ କାଳରୁ ପୃଥିବୀରେ ସୁନାମ ଅର୍ଜ୍ଜନ କରି ଆସିଛି । ଯେତେବେଳେ ପ୍ଲେଟୋ, ଏରିଷ୍ଟଟଲ୍ ପ୍ରଭୃତି ଜ୍ୟୋତିଷୀମାନଙ୍କ ନାମ ଗଣାଯାଏ, ସେତେବେଳେ ଆମ ଦେଶର ଭାସ୍କରାଚାର୍ଯ୍ୟ, ବରାହମିହିର ପ୍ରଭୃତି ଗଣିତଜ୍ଞମାନଙ୍କୁ ସେହି ତାଲିକାଭୁକ୍ତ କରାଯାଏ । ଆମ ଭାରତ କୌଣସି କ୍ଷେତ୍ରରେ ପୁରାତନ କାଳରେ ପଛରେ ପଡ଼ି ନ ଥିଲା ।

ଗ୍ରହଣ କରିବାକୁ ଇଚ୍ଛା କଲେନାହିଁ । ସହଜେ ତ ବ୍ରାହ୍ମଣମାନେ ଗ୍ରହଣ କରନ୍ତି ନାହିଁ । ସେ ଘରଦ୍ୱାର ଛାଡ଼ି ତ୍ରିଚନାପଲ୍ଲୀ ସହରରେ ଘର କରି ରହିଲେ । ତାଙ୍କ ପୂର୍ବରୁ ସେ ବଂଶର କେହି ଗାଁ ଛାଡ଼ି ଏପରି ସହରରେ ରହି ନ ଥିଲେ । ସେ ଅଳ୍ପ ପାଠ ପଢ଼ିଥିଲେ । ପୁଣି ତ୍ରିଚନାପଲ୍ଲୀ ପରି ସହରରେ ରହିବା ଫଳରେ ତାଙ୍କର ପଢ଼ିବାର ସୁବିଧା ହେଲା । ସେତେବେଳେ ଇଂରେଜୀ ପଢ଼ିବା ଲୋକ କମ୍ ଥାନ୍ତି । ଅୟାର ମହାଶୟ ନିଜେ ନିଜେ ପଢ଼ି ସୁଶିକ୍ଷିତ ହେଲେ । ତ୍ରିଚନାପଲ୍ଲୀର ଗୋଟିଏ ହାଇସ୍କୁଲରେ ସେ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ଉକ୍ତ ହାଇସ୍କୁଲରେ ଶିକ୍ଷକତା କରିବା ସଙ୍ଗେ ସଙ୍ଗେ ଘରୋଇ ଭାବରେ ବି. ଏ. ପଢ଼ୁଥାନ୍ତି । ଅୟାର ମହାଶୟ ବି. ଏ. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଭେଙ୍କଟ ରମଣଙ୍କର ଜନ୍ମ ।

୧୮୮୮ ମସିହା ନଭେମ୍ବର ମାସ ୭ ତାରିଖ । ସେହିଦିନ ଭେଙ୍କଟ ରମଣ ଅୟାର ମହାଶୟଙ୍କର ଘର ଉଜ୍ଜ୍ୱଳ କଲେ । ଶ୍ରୀଯୁକ୍ତ ଅୟାର ବି. ଏ. ପାସ କଲେ । ସେତେବେଳେ ବି. ଏ. ଉପାଧିଧାରୀ ଲୋକ କଲେଜର ପ୍ରଫେସର ହୋଇ ପାରୁଥିଲେ । ତ୍ରିଚନାପଲ୍ଲୀ କଲେଜରେ ସେ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ । ବିଶେଷତଃ ବିଜ୍ଞାନ ଓ ଗଣିତ ବିଦ୍ୟାରେ ତାଙ୍କର ଆଗ୍ରହ ବେଶି ଥିଲା ଓ ସଙ୍ଗୀତକଳା ବଡ଼ ପ୍ରିୟ ଥିଲା । ସେ ମଧ୍ୟ ବୀଣା ବଜାଇ ଜାଣୁଥିଲେ ।

୧୮୯୨ ମସିହାରେ ଅୟାର ତ୍ରିଚନାପଲ୍ଲୀ କଲେଜ ଛାଡ଼ି ବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା କଲେଜରେ ବିଜ୍ଞାନ ଅଧ୍ୟାପକ ହେଲେ । ସେତେବେଳେ ଏହି କଲେଜର ଅଧ୍ୟକ୍ଷ ଥିଲେ

ଶ୍ରୀଯୁକ୍ତ ଜ. ଟି. ଶ୍ରୀନିବାସ ଆୟାଙ୍ଗର । ଅଟ୍ୟର ମହାଶୟଙ୍କ ସହିତ ତାଙ୍କର ଆଗରୁ ବନ୍ଧୁତା ଥିଲା ଓ ସେହି ବନ୍ଧୁତାର ଅନୁରୋଧରେ ସେ ଚିରନାପଲ୍ଲୀ ଛାଡ଼ିଲେ । ସେତେବେଳକୁ ଭେଙ୍କଟଙ୍କ ବୟସ ମୋଟେ ଚାରିବର୍ଷ ।

ବାଳକ ରମଣଙ୍କ ମାତାଙ୍କ ନାମ ଶ୍ରୀମତୀ ପାର୍ବତୀ ଅମ୍ମଲ । ସେ ଜଣେ ଶାସ୍ତ୍ରୀ ବ୍ରାହ୍ମଣଙ୍କର କନ୍ୟା ଥିଲେ । ପାର୍ବତୀଙ୍କ ପିତା ବଡ଼ ବିଦ୍ୟାନୁରାଗୀ ଥିଲେ । ସେତେବେଳେ ସେ ନ୍ୟାୟଶାସ୍ତ୍ର ପଢ଼ିବା ପାଇଁ ଇଚ୍ଛା କରି ପାଦରେ ଚାଲି ଚାଲି ବଙ୍ଗଳା ପ୍ରଦେଶକୁ ଯାଇଥିଲେ । ପାର୍ବତୀ ପିତାଙ୍କ ପରି ବଡ଼ ବିଦ୍ୟାନୁରାଗିଣୀ ଥିଲେ । ତାଙ୍କର ଆଉ ଗୋଟିଏ ବିଶେଷ ଗୁଣ ଥିଲା । ସେ ଦେଖିବାକୁ ସୁଶ୍ରୀ ଥିଲେ । କୌଣସି କାର୍ଯ୍ୟକୁ ଆରମ୍ଭ କଲେ ସେ ତାହାକୁ ଶେଷ ପର୍ଯ୍ୟନ୍ତ ଅତି ଆଗ୍ରହ ସହିତ କରିବାରେ ମନ ପ୍ରାଣ ଢାଳି ଦେଉଥିଲେ ।

ଏହିପରି ପିତାମାତାଙ୍କର ଗୁଣଗୁଡ଼ିକ ଧରି ଭେଙ୍କଟ ରମଣ ଜନ୍ମ ହୋଇଥିଲେ । ପିତାମାତାଙ୍କର ଆଦର ଓ ସ୍ନେହ ମଧ୍ୟରେ ଭେଙ୍କଟ ବଢ଼ିଲେ । ବିଶାଖାପାଟଣାର ମନୋରମ ଦୃଶ୍ୟ ଓ ସମୁଦ୍ର ଉପକୂଳର ଶରୀର ହିତକାରୀ ଜଳବାୟୁ ମଧ୍ୟରେ ଭେଙ୍କଟଙ୍କର ବାଲ୍ୟକାଳ କଟିଲା ।

---

## ରମଣଙ୍କ ଶିକ୍ଷା

ଭାରତରେ କାଶୀ ବିଦ୍ୟାନଗରୀ ନାମରେ ପରିଚିତ । ପୂର୍ବକାଳରେ ଲୋକେ କାଶୀକୁ ପଢ଼ିବାକୁ ଯାଉଥିଲେ । ଆଧୁନିକ ଯୁଗରେ ଭାରତରେ କାଶୀପରି ଆହୁରି କେତେଗୁଡ଼ିଏ ବିଦ୍ୟାପୀଠ ଅଛି । ସେହି ବିଦ୍ୟାପୀଠମାନଙ୍କ ମଧ୍ୟରୁ ବିଶାଖାପାଟଣା ଗୋଟିଏ ।

ବିଶାଖାପାଟଣା ଆଜକାଲିର ସହର ନୁହେଁ । ଉକ୍ତ ସହରଟି ପୂର୍ବେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ ଥିଲା । ଇଂରେଜମାନେ ଆସିବା ପରେ ଏ ସହରର ନାମ ଭିଇଜାଗାପଟ୍ଟମ ହୋଇଅଛି । ଏହାର ପ୍ରାଧାନ୍ୟ କ୍ରମେ କ୍ରମେ ବଢ଼ିବାରେ ଲାଗିଛି ।

ଏହି ଭିଇଜାଗାପଟ୍ଟମ ସହରରେ ରମଣଙ୍କର ବାଲ୍ୟକାଳ କଟିଲା । ସେ ଏହି ସହରର ଗୋଟିଏ ସ୍କୁଲକୁ ପଢ଼ିବାକୁ ଗଲେ । ତାଙ୍କର ପିତା ଥିଲେ ମହା ବିଦ୍ୱାନ୍ ଲୋକ । ରମଣଙ୍କ ଶିକ୍ଷା, ଦୀକ୍ଷା ପ୍ରତି ସେ ଖୁବ୍ ଦୃଷ୍ଟି ଦେଉଥିଲେ । ପିଲାଦିନରେ ସେ ଭଲ ପଢୁଥିଲେ । ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ଥିଲା । ସେ ଅଳ୍ପ ବୟସରେ ହାଇସ୍କୁଲ ଶିକ୍ଷା ଶେଷ କରି ବିଶାଖାପାଟଣା କଲେଜରେ ନାମ ଲେଖାଇଲେ । ବିଶାଖାପାଟଣାର ଏହି କଲେଜର ନାମ ଆନ୍ଧ୍ର କଲେଜ । ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ଏହି ସହର ଓ ଏହି କଲେଜ ଅବସ୍ଥିତ ।

ଆନ୍ଧ୍ର ପ୍ରଦେଶ ମଧ୍ୟରେ ଏହି ଆନ୍ଧ୍ର ବିଶ୍ୱବିଦ୍ୟାଳୟ କେତେକ ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ପ୍ରତିଷ୍ଠିତ ହୋଇଅଛି । ଓଡ଼ିଶାର ଜୟପୁର ରାଜ୍ୟର ପୂର୍ବତନ ରାଜା ଶ୍ରୀ ବିକ୍ରମଦେବ ବର୍ମାଙ୍କ ସାହାଯ୍ୟରେ ଏଠାରେ ମଧ୍ୟ ଏକ ବିଭାଗ ଖୋଲାଯାଇଛି । ଏହି ବିଶ୍ୱବିଦ୍ୟାଳୟର ସେତେବେଳେ ଅଧ୍ୟକ୍ଷ ଥିଲେ ଶ୍ରୀ ଶ୍ରୀନିବାସ ଆୟାଙ୍ଗାର । ସେତେବେଳେ ଶ୍ରୀନିବାସ ଆୟାଙ୍ଗାରଙ୍କ ପରି ଧୁରନ୍ଧର ଇଂରାଜୀ ଅଧ୍ୟାପକ ଭାରତରେ ଆଉ ନଥିଲେ । ତେଣୁ ସମଗ୍ର ଭାରତରେ ତାଙ୍କର ଖ୍ୟାତି ପ୍ରଚାରିତ ହୋଇଥିଲା । ଅଧ୍ୟକ୍ଷ ଆୟାଙ୍ଗାରଙ୍କର ବିଜ୍ଞାନ ବିଷୟରେ ମଧ୍ୟ ଦକ୍ଷତା ଥିଲା ।

ବାଳକ ରମଣ ହାଇସ୍କୁଲରେ ପଢ଼ିଲାବେଳୁ ବିଜ୍ଞାନ ପଢ଼ାରେ ବିଶେଷ ଆଗ୍ରହୀ ଥିଲେ । ବିଜ୍ଞାନ ଶ୍ରେଣୀରେ ସେ ସବୁବେଳେ ବଡ଼ କୌତୂହଳଜନକ ପ୍ରଶ୍ନ ପଚାରି ଶିକ୍ଷକ ମହାଶୟଙ୍କର ପ୍ରିୟପାତ୍ର ହୋଇଥିଲେ । ଘରକୁ କୌଣସି ବିଜ୍ଞାନ ପ୍ରଶ୍ନ ଦିଆଯାଇଥିଲେ, ସେ ଅନେକ ରାତି ପର୍ଯ୍ୟନ୍ତ ନ ଖାଇ ନ ଶୋଇ ତାହାର ସାଧନାରେ ଲାଗି ପଡୁଥିଲେ । ବିଜ୍ଞାନର କଠିନତର ବିଷୟମାନ ସେ ଅତି ସହଜରେ ସମାଧାନ କରିପାରୁଥିଲେ । ଅନ୍ୟାନ୍ୟ ବାଳକମାନଙ୍କୁ ସେ ଅନେକ କଥା ଶିଖାଇ ଦେଉଥିଲେ । ଅତ୍ୟଧିକ ପରିଶ୍ରମ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ କ୍ରମେ ଭାଙ୍ଗିଗଲା । ତଥାପି ବିଜ୍ଞାନରୁ ତାଙ୍କର ସ୍ପୃହା କମିଲା ନାହିଁ । ସେ ବାରବର୍ଷ ବୟସରେ ମାଟ୍ରିକୁଲେସନ ପରୀକ୍ଷାରେ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହୋଇଥିଲେ ।

ଏହାପରେ ଆନ୍ଧ୍ର କଲେଜରେ ସେ ଆଇ. ଏ. ପଢ଼ିଲେ । ଆଇ. ଏ. ଦୁଇବର୍ଷ ପଢ଼ିସାରି ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ପାସ୍ କଲେ । ଆନ୍ଧ୍ର କଲେଜରେ ତାଙ୍କର ନାମ ସମସ୍ତେ ଜାଣିଲେ; କିନ୍ତୁ ଏହାପରେ ଆଉ ସେ କଲେଜରେ ନ ପଢ଼ି ସେଠାରୁ ମାନ୍ଦ୍ରାଜ ଗଲେ । ମାନ୍ଦ୍ରାଜର ପ୍ରେସିଡେନ୍‌ସି କଲେଜ ଭାରତର ବଡ଼ ବଡ଼ କଲେଜମାନଙ୍କ ଭିତରୁ ଗୋଟିଏ । ସେହି କଲେଜରେ ସେ ବି. ଏ. କ୍ଲାସରେ ନାମ ଲେଖାଇଲେ । ବନ୍ଧୁମାନେ ତାଙ୍କୁ ଇତିହାସ ନେଇ ବି. ଏ. ପଢ଼ିବାକୁ ପରାମର୍ଶ ଦେଲେ । ସେତେବେଳେ ଭାରତରେ ସରକାରୀ ଚାକିରୀ ଖଣ୍ଡିଏ ପାଇବା ଅତି ଭାଗ୍ୟର କଥା ହୋଇଥାଏ । ସେହି ଚାକିରୀ ଇତିହାସ ପଢ଼ିଥିବା ଛାତ୍ରମାନଙ୍କୁ ସୁବିଧାରେ ମିଳେ । ବନ୍ଧୁମାନଙ୍କର ପରାମର୍ଶ ସତ୍ତ୍ୱେ ସେ ଇତିହାସ ନ ପଢ଼ି ବିଜ୍ଞାନ ପଢ଼ିଲେ ।

ରମଣ ସେତେବେଳେ ବୟସରେ ତ ଶ୍ରେଷ୍ଠ ଥିଲେ । ଦେଖିବାକୁ ପତଳା ଓ ଦୁର୍ବଳ ମଧ୍ୟ ଥିଲେ । ଏପରି ଏକ ଶ୍ରେଷ୍ଠ ବାଳକକୁ ବି. ଏ. କ୍ଲାସରେ ଦେଖି ସମସ୍ତଙ୍କ ଦୃଷ୍ଟି ତାଙ୍କର ଉପରେ ପଡ଼ୁଥିଲା । ପ୍ରେସିଡେନ୍‌ସି କଲେଜର ସେତେବେଳେ ଇଂରାଜୀ ଅଧ୍ୟାପକ ଥିଲେ ଶ୍ରୀଯୁକ୍ତ ଇ.ଏଇଚ.ଇଲିୟଟ । ସେ ପ୍ରଥମେ ରମଣଙ୍କୁ ଦେଖି ଭାବିଲେ, ବୋଧହୁଏ ଗୋଟିଏ ଶ୍ରେଷ୍ଠ ବାଳକ ଭୁଲରେ ଏ ଶ୍ରେଣୀ ଭିତରକୁ ପଶି ଆସିଛି । ପରେ ରମଣଙ୍କୁ ପାଖକୁ ଡାକି ପଚାରି ବୁଝିଲେ ଯେ, ସେ ପ୍ରକୃତରେ ବି. ଏ. କ୍ଲାସର ଛାତ୍ର ଓ ତାଙ୍କର ବୟସ ମୋଟେ ତେରବର୍ଷ । କଲେଜର ଅନ୍ୟାନ୍ୟ ଅଧ୍ୟାପକମାନେ ରମଣଙ୍କୁ ଦେଖି ଏବଂ ତାଙ୍କର ବ୍ୟବହାର ଓ ଅଧ୍ୟୟନ ଲିପସା ବିଷୟ ଜାଣି ବଡ଼ ସନ୍ତୁଷ୍ଟ ।

କଲେଜର ବିଜ୍ଞାନାଗାରରେ ଯେଉଁ ବିଜ୍ଞାନ ତଥ୍ୟର ପରୀକ୍ଷା କରାଯାଏ, ରମଣଙ୍କୁ ସେ ସବୁ ପୁରୁଣା ଲାଗେ । କଲେଜର ଅଧ୍ୟକ୍ଷ ରମଣଙ୍କର ପ୍ରତିଭାର ସୂଚନା ପାଇ ବିଜ୍ଞାନାଗାରରେ ବେଶି ସମୟ ପରୀକ୍ଷା ସେ ଯେପରି କରିପାରିବେ, ସେପରି ସୁବିଧା କରିଦେଇ-ଥିଲେ । ସେତେବେଳେ ସେ ଭୌତିକ ବିଜ୍ଞାନ ସହ ଗଣିତ ବିଜ୍ଞାନ ମଧ୍ୟ ପଢ଼ୁଥିଲେ । ୧୯୦୪ ମସିହାରେ ସେ ବି.ଏ. ପରୀକ୍ଷା ଦେଇଥିଲେ ଏବଂ ପରୀକ୍ଷାରେ ଅତି ଯୋଗ୍ୟତାସହ ପାସ୍ କରିଥିଲେ । ସେ ବର୍ଷ ସମଗ୍ର ବିଶ୍ୱବିଦ୍ୟାଳୟରେ ଶ୍ରୀ ରମଣ ପ୍ରଥମ ସ୍ଥାନ ଅଧିକାର କରି ବି. ଏ. ଉପାଧି ଲାଭ କରିଥିଲେ ।

---

## ଏମ୍. ଏ. ଶିକ୍ଷା

ଶ୍ରୀରମଣ ବି. ଏ. ପାସ କରିବାପରେ ତାଙ୍କୁ କେତେ ସ୍ୱର୍ଣ୍ଣପଦକ ଓ ପୁରସ୍କାର ମିଳିଲା । ସେ ଯେତିକି ପାଠ ପଢ଼ିଲେ, ସେତିକି ଜ୍ଞାନ

ପିପାସା ମଧ୍ୟ ବଢ଼ିଲା । ବି. ଏ. ପାସ ପରେ ଏମ୍. ଏ. ପଢ଼ିବା ପାଇଁ ତାଙ୍କର ସ୍ପୃହା ଜାତ ହେଲା । ପ୍ରେସିଡେନ୍‌ସି କଲେଜରେ ଏମ୍. ଏ. ପର୍ଯ୍ୟନ୍ତ ଶିକ୍ଷାର ବନ୍ଦୋବସ୍ତ ସେହି ସମୟଠାରୁ ହୋଇ ସାରିଥିଲା । ଶ୍ରୀ ରମଣ ଏମ୍. ଏ.କ୍ଲାସରେ ନାମ ଲେଖାଇଲେ । ପ୍ରଫେସରମାନେ ରମଣଙ୍କର ବିଚକ୍ଷଣତା ଦେଖି ତାଙ୍କୁ କଲେଜର ବିଜ୍ଞାନାଗାରରେ ଅଧିକ ସୁବିଧା ଦେଇଥିଲେ । କଲେଜର ପାଠ୍ୟ-ନିର୍ଦ୍ଧିଷ୍ଟ ସମୟ ଭିତରେ ମଧ୍ୟ ସେ କଲେଜରେ ଯୋଗ ନଦେଇ ଗବେଷଣା କାର୍ଯ୍ୟରେ ଲାଗିପାରିବେ ବୋଲି ଅଧ୍ୟକ୍ଷ ଅନୁମତି ଦେଇଥିଲେ । ସେ ଭୌତିକ ଓ ଗଣିତ ବିଜ୍ଞାନର ଗବେଷଣାରେ ଲାଗିପଡ଼ିଲେ ।

ଏହି ସମୟରେ ରମଣଙ୍କର ଜଣେ ସହପାଠୀ ଶ୍ରୀ ବି. ଆପପାରାଓ ବିଜ୍ଞାନ ବିଷୟରେ ଗୋଟିଏ ତଥ୍ୟ ବୁଝାଇବାପାଇଁ କଲେଜର ବିଜ୍ଞାନ ଅଧ୍ୟାପକ ମି. ଜୋନ୍‌ସଙ୍କ ପାଖକୁ ଗଲେ । ସେ ତଥ୍ୟର ସମାଧାନ ସେ କରି ପାରିଲେ ନାହିଁ । ଶ୍ରୀରମଣ ସେ ତଥ୍ୟର ସମାଧାନରେ ଲାଗିପଡ଼ିଲେ ଓ ଅଳ୍ପଦିନ ପରେ ତାହାକୁ ଏକ ନୂତନ ଉପାୟରେ ସମାଧାନ କରି ମି. ଜୋନ୍‌ସଙ୍କୁ ତାହା ଦେଖିବା ପାଇଁ ଦେଲେ । ମି. ଜୋନ୍‌ସ କ'ଣ ବିଚାରିଲେ କେଜାଣି, ସେ ସମାଧାନଟିକୁ ଦେଖିବେ ବୋଲି କହି ଅନେକ ଦିନ ବିଳମ୍ବ କଲେ । ଦିନେ ଶ୍ରୀରମଣ ତଥ୍ୟଟିକୁ ଆଉ ଥରେ ଦେଖିବେ ବୋଲି କହି ମାଗି ଆଣିଲେ । ସେ ସମ୍ବନ୍ଧରେ ଏକ ଲେଖା ଲେଖି ଇଂଲଣ୍ଡର ଗୋଟିଏ ନାମଜାଦା ପତ୍ରିକାକୁ ପଠାଇଦେଲେ । କାରଣ ସେପରି ଲେଖା ବାହାରିବାପାଇଁ ଆମ ଭାରତରେ ପତ୍ରିକା ସେତେବେଳେ ନ ଥିଲା । ଇଂଲଣ୍ଡର ପତ୍ରିକାର ସମ୍ପାଦକ ସେ ଲେଖାଟି ତାଙ୍କ ପତ୍ରିକାରେ ପ୍ରକାଶ ପାଇବାର ଯୋଗ୍ୟ ଦେଖି ତାହାକୁ ଛପାଇ ପ୍ରୁଫ କପିଟିକୁ ସଂଶୋଧନ ପାଇଁ

ଶ୍ରୀରମଣଙ୍କ ପାଖକୁ ପଠାଇଲେ । ଶ୍ରୀରମଣ ତାହାକୁ ତାଙ୍କ ଅଧ୍ୟାପକଙ୍କ ନିକଟକୁ ନେଇ ଦେଖାଇଲେ । ମି. ଜୋନ୍ସ୍ ଏହା ଦେଖି ବଡ଼ ବିସ୍ମିତ ହେଲେ । କିଛିଦିନ ପରେ ସେ ଲେଖାଟି ଇଂଲଣ୍ଡର ଫିଲୋସଫିକାଲ ପତ୍ରିକାରେ ପ୍ରକାଶିତ ହେଲା । ଶ୍ରୀରମଣ ପ୍ରଥମେ ଜନନେତ୍ର ଗୋଚରକୁ ଆସିଲେ ।

୧୯୦୭ ମସିହାରେ ଶ୍ରୀରମଣ ଯୋଗ୍ୟତାର ସହ ପ୍ରଥମ ଶ୍ରେଣୀରେ ଏମ୍. ଏ. ପାସ୍ କଲେ । ସେତେବେଳକୁ ତାଙ୍କର ବୟସ ମୋଟେ ଅଠରବର୍ଷ ମାତ୍ର । ସେ ପ୍ରଥମେ ଭୌତିକ ବିଜ୍ଞାନ ବିଷୟରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଭୌତିକ ବିଜ୍ଞାନରେ ବେଶି ପଢ଼ିବା ପାଇଁ ଇଚ୍ଛା ଥିଲେ ସୁଦ୍ଧା, ଆଉ ସୁବିଧା ନ ଥିଲା ।

---

## ଡେପୁଟି ଡାଇରେକ୍ଟର ଜେନେରାଲ

ସ୍ୱାଧୀନ ଦେଶରେ ଲୋକମାନଙ୍କର ସବୁପ୍ରକାର ଉନ୍ନତି ପାଇଁ ବନ୍ଦୋବସ୍ତ କରାଯାଏ । ଶ୍ରୀ ରମଣ ଯେତେବେଳେ ଏମ୍. ଏ. ପାଶ୍ କରିସାରିଲେ, ସେତେବେଳକୁ ଆମ ଦେଶ ଇଂରେଜମାନଙ୍କ ଅଧୀନରେ ଥାଏ । କୌଣସି ବିଷୟରେ ଉଚ୍ଚତମ ଶିକ୍ଷା ପାଇବାକୁ ଇଚ୍ଛା ହେଲେ, ଇଂଲଣ୍ଡ ଗଲେ ସେ ଶିକ୍ଷା ମିଳିବ, ନ ହେଲେ କର୍ମକୁ ଆଦରି ରହିବା କଥା । ସେଥିପାଇଁ ଆମ ଦେଶରେ କେତେ ବୁଦ୍ଧିମାନ ବିଚକ୍ଷଣ ଛାତ୍ର ଇଂଲଣ୍ଡ ଯାଇ ନ ପାରି ନୀରବ ରହୁଥିଲେ ।

ଶ୍ରୀରମଣଙ୍କର ବୁଦ୍ଧିମତ୍ତାରେ ତାଙ୍କର ଭୌତିକ ବିଜ୍ଞାନ ଅଧ୍ୟାପକ ବଡ଼ ସନ୍ତୁଷ୍ଟ ଥିଲେ । ସେ ରମଣଙ୍କୁ ଇଂଲଣ୍ଡ ଯିବାପାଇଁ

ସୁପାରିସ୍ କଲେ । ସମସ୍ତ ସୁବିଧା କରିଦେବେ ବୋଲି କହିଲେ । ଭାରତ ସରକାରଙ୍କ ପାଖକୁ ଶ୍ରୀରମଣଙ୍କର ବିଚକ୍ଷଣତା ବିଷୟରେ ସୁପାରିସ କରି ଖଣ୍ଡିଏ ପତ୍ର ଲେଖିଲେ । ତା ଫଳରେ ରମଣଙ୍କୁ ଇଂଲଣ୍ଡ ଯିବାକୁ ଅନୁମତି ଓ ଏକ ବୃତ୍ତି ମଧ୍ୟ ମିଳିଲା । ଶ୍ରୀରମଣ ଏଥିରେ ବିଶେଷ ସନ୍ତୁଷ୍ଟ ହେଲେ ।

ଇଂଲଣ୍ଡ ଯିବା ପୂର୍ବରୁ ଜଣେ ଇଂଲଣ୍ଡର ଡାକ୍ତର ଯାତ୍ରୀଙ୍କୁ ପରୀକ୍ଷା କରନ୍ତି । ରମଣ ଡାକ୍ତରଙ୍କଦ୍ୱାରା ପରୀକ୍ଷିତ ହେଲେ । ସେ ଡାକ୍ତର ତାଙ୍କୁ ଇଂଲଣ୍ଡ ଯିବାକୁ ମନା କରିଦେଲେ ଓ କହିଲେ ଯେ ତାଙ୍କର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଇଂଲଣ୍ଡ ଯିବା ଉଚିତ ହେବ ନାହିଁ । କାରଣ ସେ ସମୁଦ୍ର ଯାତ୍ରା ସହ୍ୟ କରିପାରିବେ ନାହିଁ । ଶ୍ରୀରମଣ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିଲେ । କେହି କେହି ତାଙ୍କୁ ଓକିଲାତି କରିବା ପାଇଁ ବା ଅଧ୍ୟାପକତ୍ୱ କରିବାପାଇଁ ପରାମର୍ଶ ଦେଲେ; କିନ୍ତୁ ଶ୍ରୀରମଣଙ୍କର ସେଥିରେ ମନ ବଳିଲା ନାହିଁ ।

ସେତେବେଳେ ଭାରତ ସରକାରଙ୍କ ଅଧୀନରେ ବଡ଼ ବଡ଼ ଚାକିରୀ ନିମିତ୍ତ ବହୁ ବହୁ ପରୀକ୍ଷା ଇଂଲଣ୍ଡରେ ହେଉଥିଲା । କେବଳ ଅର୍ଥ ବିଭାଗର ଉଚ୍ଚପଦଗୁଡ଼ିକ ପାଇଁ ଭାରତରେ ଉପଯୁକ୍ତ ଲୋକ ବଛା ଯାଉଥିଲେ । ଭାରତର ବିଭିନ୍ନ ଅଞ୍ଚଳରୁ ଏ ପରୀକ୍ଷା ଦେବାପାଇଁ ପ୍ରାର୍ଥୀମାନେ କଲିକତା ଆସୁଥିଲେ । କଲିକତା ଏ ବହୁ ବହୁ ପରୀକ୍ଷାର କେନ୍ଦ୍ର ଥିଲା ।

ଶ୍ରୀରମଣଙ୍କର ଅଧ୍ୟାପକ ଏ ଚାକିରୀ ନିମିତ୍ତ ଚେଷ୍ଟା କରିବା ପାଇଁ ତାଙ୍କୁ ପରାମର୍ଶ ଦେଇଥିଲେ । ସେ ଅଧ୍ୟାପକଙ୍କ ପରାମର୍ଶ ଅନୁସାରେ କଲିକତା ଆସିଲେ । ଏ ପରୀକ୍ଷାରେ ସାହିତ୍ୟ,

ଇତିହାସ, ରାଜନୀତି, ବିଜ୍ଞାନ, ସଂସ୍କୃତ ପ୍ରଭୃତି ନାନା ବିଷୟରେ ବଡ଼ କଠିନ ପରୀକ୍ଷା ହୁଏ । ଏସବୁ ବିଷୟଗୁଡ଼ିକ ସେ ଆଗରୁ ପଢ଼ି ନ ଥିଲେ । ତେଣୁ ଅଳ୍ପଦିନ ମଧ୍ୟରେ କଠିନ ପରିଶ୍ରମ କରି ଏ ବିଷୟଗୁଡ଼ିକ ପଢ଼ିଲେ ଓ ପରୀକ୍ଷା ଦେଲେ । ଅଳ୍ପଦିନ ପରେ ଜଣାପଡ଼ିଲା ଯେ, ସେ ପରୀକ୍ଷାରେ ପ୍ରଥମ ହୋଇ ପାସ୍ କରିଛନ୍ତି । ତେଣୁ ତାଙ୍କୁ ପ୍ରଥମେ ଚାକିରି ମିଳିବା କଥା ।

କିନ୍ତୁ ଏ ଦିଗରେ ମଧ୍ୟ ଗୋଟିଏ ବାଧା ଆସି ପହଞ୍ଚିଲା । ସେତେବେଳକୁ ତାଙ୍କର ବୟସ ୨୦ ପୂରି ନ ଥାଏ । ଏତେ କମ୍ ବୟସରେ ଜଣେ ବାଳକ ହାତରେ ସରକାରଙ୍କର ଅର୍ଥବିଭାଗର ଦାୟିତ୍ୱପୂର୍ଣ୍ଣ କାମ କିପରି ଦିଆଯିବ ? ଆଗରୁ କୋଡ଼ିଏ ବର୍ଷ ବୟସର କେହି ଏ ପଦ କେବେ ଗ୍ରହଣ କରି ନାହାନ୍ତି; କିନ୍ତୁ ସରକାରଙ୍କର ଆଉ ଉପାୟ ନ ଥିଲା । ଏମ୍. ଏ. ପାଶ୍ କରିଥିବା ଓ ଏମ୍. ଏ. ପରୀକ୍ଷାରେ ପ୍ରଥମ ହୋଇ ପାଶ୍ କରିଥିବା ପ୍ରାର୍ଥୀ ଯଦି ପ୍ରଥମେ ଚାକିରି ନ ପାଇବେ, ତେବେ କିଏ ପାଇବ ? ଅନେକ ଆଲୋଚନା ପରେ ଶ୍ରୀ ରମଣଙ୍କୁ ଚାକିରି ଦେବା ଠିକ୍ ହେଲା । ଭାରତ ସରକାରଙ୍କର ଅର୍ଥ ବିଭାଗର ଡେପୁଟୀ ଡାଇରେକ୍ଟର ଜେନେରାଲ ପଦରେ ଶ୍ରୀ ରମଣ ନିଯୁକ୍ତ ହେଲେ । କଲିକତା ସହରରେ ତାଙ୍କୁ ରହିବାକୁ ପଡ଼ିଲା ।

---

## ଶୁଭ ପରିଣୟ

ଶ୍ରୀରମଣଙ୍କ ଜୀବନର ଉଦ୍ଦେଶ୍ୟ ତ ପୂରଣ ହୋଇ ନ ଥିଲା । ତେବେ ଅନ୍ୟଦିଗରେ ତାଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଅତିଶୟ ସ୍ୱଚ୍ଛଳ ନ ଥିଲା । ଆର୍ଥିକ ଅବସ୍ଥାର ସମାଧାନ ପାଇଁ ବର୍ତ୍ତମାନ

ଆଉ ଚିନ୍ତା କରିବା ଦରକାର ପଡ଼ିଲା ନାହିଁ । ମାନ ସମ୍ମାନ, ଧନ ସବୁ ମିଳିଲା । ଏଣିକି ସାଂସାରିକ ଜୀବନରେ ପୂର୍ଣ୍ଣତା ଆଣିବାପାଇଁ ଆଉ ଗୋଟିଏ କାମ ବାକି ଥିଲା ।

ସାଧାରଣତଃ ବ୍ରାହ୍ମଣ ପରିବାରରେ ବାଳକ ବାଳିକା-ମାନଙ୍କୁ ଅଳ୍ପ ବୟସରେ ବିବାହ କରିଦେବା ଆମ ଦେଶରେ ଏକ ପୁରାତନ ପ୍ରଥା । ସାରା ଭାରତର ସବୁ ସ୍ଥାନରେ ଏ ପ୍ରଥା ଏକାପରି ରହି ଆସିଛି । ଶ୍ରୀ ରମଣ ତ ବ୍ରାହ୍ମଣ ବଂଶରେ ଜନ୍ମ-ଗ୍ରହଣ କରିଥିଲେ, ପୁଣି ଦକ୍ଷିଣ ଭାରତରେ ଏ ପ୍ରଥାର ପ୍ରଚଳନ ଅନ୍ୟାନ୍ୟ ଅଞ୍ଚଳଠାରୁ ବେଶି ଥିଲା । ଶ୍ରୀରମଣଙ୍କୁ କୋଡ଼ିଏ ବର୍ଷ ବୟସ ହେଲାଣି, ଅଥଚ ସେ ବିବାହ ହୋଇ ନାହାନ୍ତି, ଗାଁର ବ୍ରାହ୍ମଣ ସମାଜ ପାଖ ପଡ଼ିଶା ଲୋକେ ସମସ୍ତେ ଏ କଥା ଘୋଷି ହେଲେ ।

ସେତେବେଳେ ମାଦ୍ରାଜ ନୌ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଶ୍ରୀଯୁକ୍ତ କୃଷ୍ଣସ୍ୱାମୀ ଅଇୟର । ସେ ବଡ଼ ସରଳ ଓ ମେଳାପୀ ଲୋକ ଥିଲେ । କୃଷ୍ଣସ୍ୱାମୀଙ୍କ ସ୍ତ୍ରୀଙ୍କ ନାମ ଶ୍ରୀମତୀ ରୁକ୍ମିଣୀ ଦେବୀ । ପିଲାଦିନରେ ଶ୍ରୀରମଣ କେତେ ଥର ତାଙ୍କ ଘରକୁ ଯାଇଥିଲେ । ସେତିକିବେଳୁ ଶ୍ରୀଯୁକ୍ତ କୃଷ୍ଣସ୍ୱାମୀଙ୍କ ସ୍ତ୍ରୀ ରୁକ୍ମିଣୀ ମନେ ମନେ ରମଣଙ୍କୁ ତାଙ୍କ କନ୍ୟାଟିର ଉପଯୁକ୍ତ ପାତ୍ର ବୋଲି ଠିକ୍ କରି ନେଇଥିଲେ । ହେଲେ କୃଷ୍ଣସ୍ୱାମୀ ଓ ରମଣଙ୍କ ବଂଶ ଭିତରେ ଟିକିଏ ଉଚ୍ଚ ନୀଚ ଥିଲା । କୃଷ୍ଣସ୍ୱାମୀଙ୍କ ବଂଶ ଟିକିଏ ଉଚ୍ଚ ।

ଶ୍ରୀରମଣ ଯେତେବେଳେ ଏଡ଼େ ବଡ଼ ଚାକିରି ପାଇ ସାରିଲେ, ସେ ଏ ସମାଜ ଭିତରେ ଉଚ୍ଚନୀଚତା ପ୍ରତି ବେଶି ଦୃଷ୍ଟି

ଦେଇ ନଥିଲେ । କୃଷ୍ଣ ସ୍ୱାମୀ ବି ଖୁବ୍ ଉଚ୍ଚ ଶିକ୍ଷିତ; କିନ୍ତୁ ଯେତେବେଳେ ଏ ବିବାହ ପ୍ରସ୍ତାବ ଆସିଲା, ତାଙ୍କ ସମାଜର ବ୍ରାହ୍ମଣ ମାନେ ଏ ବିବାହର ବିରୋଧ କଲେ । କୃଷ୍ଣସ୍ୱାମୀ ଏ ସବୁ ପ୍ରତି ଦୃଷ୍ଟିପାତ କଲେନାହିଁ । ଶିକ୍ଷିତ, ସଭ୍ୟ ପୁଣି ଉଚ୍ଚ ପଦରେ ଅଭିଷିକ୍ତ ଦେଖି ସେ ତାଙ୍କ କନ୍ୟାକୁ ଶ୍ରୀରମଣଙ୍କ ହସ୍ତରେ ପ୍ରଦାନ କରିବେ ବୋଲି ନିଶ୍ଚୟ କଲେ ।

କିଛି ଦିନ ପରେ ଶୁଭଲଗ୍ନରେ ବିବାହ ସଂପନ୍ନ ହେଲା । ମହାସମାରୋହ ଭିତରେ ବରବଧୂ ବନ୍ଧୁବାନ୍ଧବମାନଙ୍କଠାରୁ ଆଶୀର୍ବାଦ ଲାଭକଲେ । ଶ୍ରୀଯୁକ୍ତ ରମଣ ଉଚ୍ଚଶିକ୍ଷିତ ଥିଲେ, ତାଙ୍କ ସହଧର୍ମିଣୀ ମଧ୍ୟ ଶିକ୍ଷିତା ଥିଲେ । ବିବାହର ଅଳ୍ପ ଦିନ ପରେ ଶ୍ରୀ ରମଣ ଓ ଶ୍ରୀମତୀ ରମଣ ଦୁହେଁ କଲିକତାକୁ ଆସିଲେ । କାର୍ଯ୍ୟ କ୍ଷେତ୍ରର ଦାୟିତ୍ୱ ଭିତରେ ଉଭୟେ ସମୟ କଟାଇବାକୁ ଲାଗିଲେ ।

---

## କର୍ମକ୍ଷେତ୍ର

କଲିକତାରେ ଦିନେ ଶ୍ରୀ ରମଣ ଟ୍ରାମରେ ବସି ଡେଲହାଉସି ସ୍କୋୟାର ବାଟେ ଯାଉଥିଲେ । ସେତିକିବେଳେ ଗୋଟିଏ ବିଜ୍ଞାପନ ସେ ଦେଖିଲେ । ସେଥିରେ ଲେଖାଥିଲା—'ଭାରତୀୟ ବୈଜ୍ଞାନିକ ଅନୁସନ୍ଧାନ ପରିଷଦ ।' ସେତିକିକ୍ଷଣି ସେଠାରେ ଟ୍ରାମରୁ ଓହ୍ଲାଇଲେ ଓ ସେ ପରିଷଦ ଭବନକୁ ଗଲେ । ସେତିକିବେଳେ ପରିଷଦ ଭବନରେ ଗୋଟିଏ ସଭା ବସିଥାଏ । ସଭାରେ କଲିକତା ବିଶ୍ୱ-ବିଦ୍ୟାଳୟର ପ୍ରସିଦ୍ଧ କୁଳପତି ଶ୍ରୀ ଆଶୁତୋଷ ମୁଖାର୍ଜି ସଭାପତି ଆସନରେ ବସିଥାନ୍ତି । ଶ୍ରୀଯୁକ୍ତ ରମଣ ସଭାକୁ ଯିବା ଉଚିତ ମନେ କଲେନାହିଁ । ପରିଷଦର ସମ୍ପାଦକଙ୍କ ସଙ୍ଗରେ ନିଜର

ବୈଜ୍ଞାନିକ ଗବେଷଣା କଥା ଟିକିଏ ଆଲୋଚନା କଲେ । ସମ୍ପାଦକ ମହାଶୟ ତାଙ୍କର ବିଜ୍ଞାନରେ ପାରଦର୍ଶିତା ଦେଖି ପରିଷଦର ଜଣେ ସଭ୍ୟ ଭାବରେ ନେବାପାଇଁ ସବୁ ସୁବିଧା କରିଦେବେ ବୋଲି ଆପେ ଆପେ କହିଲେ । କିଛି ଦିନ ପରେ ସେ ପରିଷଦରେ ସଭ୍ୟ ରୂପେ ଯୋଗଦେଲେ ।

ପରିଷଦର ଗୋଟିଏ ବୈଜ୍ଞାନିକ ପତ୍ରିକା ବାହାରୁଥିଲା । ସେ ପତ୍ରିକାରେ ତାଙ୍କର ତଥ୍ୟଗୁଡ଼ିକ ଆଲୋଚନା କରିବାର ସୁବିଧା ପାଇଲେ । ସେ ପରିଷଦରେ ବୈଜ୍ଞାନିକ ଯନ୍ତ୍ର ବେଶି ନ ଥିଲା । ଶ୍ରୀରମଣ ତାଙ୍କର ନୂତନ ଆବିଷ୍କୃତ ତଥ୍ୟଗୁଡ଼ିକୁ ବିଜ୍ଞାନାଗାରରେ ପରୀକ୍ଷା କରିବା ପାଇଁ ସୁବିଧା ପାଉ ନ ଥିଲେ । ତେବେ ପରିଷଦ ଯୋଗୁଁ ଭାରତର ବଡ଼ ବଡ଼ ବୈଜ୍ଞାନିକମାନଙ୍କ ସହିତ ତାଙ୍କର ପରିଚୟ ହେଲା ଓ ତାଙ୍କର ଆଲୋଚନା କ୍ଷେତ୍ର କ୍ରମେ ବଢ଼ିଲା; କିନ୍ତୁ ଏ ସୁବିଧା ବେଶି ଦିନ ମିଳିଲାନାହିଁ । କଲିକତାରେ ତିନି ବର୍ଷ କାମ କରିବା ପରେ ତାଙ୍କର ରେଙ୍ଗୁନ ସହରକୁ ବଦଳି ହୋଇଗଲା । ବୈଜ୍ଞାନିକ ଆଲୋଚନା ପାଇଁ ରେଙ୍ଗୁନ ପ୍ରଶସ୍ତ କ୍ଷେତ୍ର ନ ଥିଲା । ତେଣୁ ନିଜର କର୍ମକ୍ଷେତ୍ର ଭିତରେ ତାଙ୍କୁ ନିବିଷ୍ଟ ରହିବାକୁ ପଡୁଥିଲା ।

୧୯୦୦ ମସିହାରେ ସେ ଯେତେବେଳେ ରେଙ୍ଗୁନରେ ଥିଲେ, ସେତେବେଳେ ପିତାଙ୍କର ମୃତ୍ୟୁ ହେଲା । ସେ ଛ ମାସ ଛୁଟିନେଇ ଘରକୁ ଆସିଲେ । ଏହି ଛଅ ମାସ ଅବକାଶ ମଧ୍ୟରେ ସେ ବରାବର ମାନ୍ଦ୍ରାଜ ସହରରେ ରହୁଥିଲେ ଓ ସେଠା ପ୍ରେସିଡେନ୍‌ସି କଲେଜର ବିଜ୍ଞାନାଗାରରେ ତାଙ୍କର ଗବେଷଣା କାର୍ଯ୍ୟ ଚଳାଇଥିଲେ । ଏ ଛଅମାସ ଛୁଟି ସରିଲାବେଳକୁ ତାଙ୍କର ନାଗପୁର ବଦଳି ହେଲା । ନାଗପୁରରେ ବିଜ୍ଞାନାଗାରର ମଧ୍ୟ ସୁବିଧା ନ ଥିଲା ।

ତେଣୁ ସେ ନିଜେ ଏକ ବିଜ୍ଞାନାଗାର ଖୋଲିଲେ । କର୍ମକ୍ଷେତ୍ରରୁ ଫେରିବା ପରେ ସେ ସେହି ବିଜ୍ଞାନାଗାରରେ ନିଜର ବୈଜ୍ଞାନିକ ତଥ୍ୟ ଅନୁସନ୍ଧାନରେ ଲାଗି ପଡ଼ୁଥିଲେ । ନାଗପୁରରେ ବର୍ଷେ ରହିବା ପରେ ଆଉଥରେ କଲିକତା ବଦଳି ହେଲା । ଏଥର ସେ କଲିକତାରେ ଡାକବିଭାଗର ଏକାଉଣ୍ଟାଣ୍ଟ ଜେନେରାଲ ପଦରେ ନିଯୁକ୍ତ ହୋଇଥିଲେ । ୧୯୧୧ ମସିହାଠାରୁ ୧୯୧୭ ମସିହା ପର୍ଯ୍ୟନ୍ତ ସେ କଲିକତାରେ ରହି ବିଜ୍ଞାନ ପରିଷଦର ପ୍ରୟୋଗ ଭବନରେ ତାଙ୍କର ତଥ୍ୟ ଗବେଷଣାରେ ଲାଗିପଡ଼ିଲେ । ଏସବୁ କାମ କରୁଥିଲେ ସୁଦ୍ଧା ସେ ନିଜ କର୍ତ୍ତବ୍ୟ ପ୍ରତି ଟିକିଏ ସୁଦ୍ଧା ଅବହେଳା କରୁ ନ ଥିଲେ । ତେଣୁ ଉପରସ୍ଥ ଓ ବିଭାଗୀୟ କର୍ତ୍ତାମାନେ ତାଙ୍କ ଉପରେ ସନ୍ତୁଷ୍ଟ ଥିଲେ ।

---

## ଅଧ୍ୟାପକ ଜୀବନ

ଭାରତ ସରକାରଙ୍କ ଅଧୀନରେ ଦୁଇଟି ଦାୟିତ୍ୱପୂର୍ଣ୍ଣ ପଦରେ ଅନେକ ଦିନ କାମ କରି ତାଙ୍କର ନାମ ବଢ଼ିଲା ଓ କାର୍ଯ୍ୟରେ ମଧ୍ୟ ଦକ୍ଷତା ଜନ୍ମିଲା । ସରକାରଙ୍କର କୌଣସି ଜଟିଳ ବିଷୟର ସମାଧାନ କରିବା ଦରକାର ପଡ଼ିଲେ, ଶ୍ରୀ ରମଣଙ୍କୁ ଡକାଯାଏ ଆୟ ବ୍ୟୟ ନିରୀକ୍ଷଣ, ବଜେଟ ପ୍ରଣୟନ, ମୁଦ୍ରା ସଂପର୍କୀୟ କଠିନ ସମସ୍ୟାକୁ ଶ୍ରୀରମଣ ଅତି ସହଜରେ ସମାଧାନ କରି ଦେଉଥିଲେ ତେଣୁ ଭାରତ ସରକାର ତାଙ୍କୁ ପ୍ରଧାନ ସେକ୍ରେଟେରିଏଟରେ ରଖିବା ପାଇଁ ଠିକ୍ କଲେ ।

ଏତିକବେଳକୁ ୧୯୧୭ ମସିହା । କଲିକତା ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନେ ତାଙ୍କର ଭୌତିକ ବିଜ୍ଞାନରେ ପାରଙ୍ଗମତା ଦେଖି

ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଭାବରେ ନିଯୁକ୍ତ କରିବା ପାଇଁ ଇଚ୍ଛା କରୁଥାନ୍ତି; କିନ୍ତୁ ଶ୍ରୀରମଣ ସେକ୍ରେଟେରିଏଟରୁ ସେଠାକୁ ଯିବା ପାଇଁ ରାଜି ହେଲେନାହିଁ । ଶ୍ରୀଯୁକ୍ତ ଆଶୁତୋଷ ମୁଖାର୍ଜି ତାଙ୍କୁ ନାନାପ୍ରକାର ବୁଝାସୁଝା କରି ପରେ ରାଜି କରାଇଲେ । ୧୯୧୭ ମସିହାରେ ଶ୍ରୀଯୁକ୍ତ ରମଣ ଭାରତ ସରକାରଙ୍କ ଅଧୀନରୁ ଚାକିରି ଛାଡ଼ି, ଧନର ମୋହ ପରିତ୍ୟାଗ କରି ଅଧ୍ୟାପକ ହେବାକୁ ରାଜି ହେଲେ । ସେତେବେଳେ ତାଙ୍କର ଏ ଅନୁପମ ତ୍ୟାଗ ଓ ବିଦ୍ୟାନୁରାଗ ଦେଖି ସାରା ଭାରତରେ ଲୋକେ ଆଶ୍ଚର୍ଯ୍ୟ ହେଲେ ।

କଲିକତା ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗ ସତେଜ ହୋଇ ଉଠିଲା । ଦୂର ଦୂରାନ୍ତରରୁ ଛାତ୍ରମାନେ ସେଠାକୁ ଧାଇଁଲେ । କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ମି: ଆର୍ଚିବାଲ୍ଡ଼ ତାଙ୍କର ଗୁଣ ଓ ବିଦ୍ୟାଦାନ ପ୍ରଣାଳୀରେ ମୁଗ୍ଧ ହୋଇ ତାଙ୍କୁ ବଡ଼ ଆଦର କରୁଥିଲେ । କଲିକତା ସହରରେ ବଡ଼ ବଡ଼ ବୈଜ୍ଞାନିକମାନଙ୍କ ସହିତ ମିଶିବାର ସେ ସୁବିଧା ପାଇଲେ ଓ ବିଦ୍ୟାଳୟର ଅଧ୍ୟାପକ ଥିବାବେଳେ ତାଙ୍କର ନାଁ ସମଗ୍ର ପୃଥିବୀରେ ଭିନ୍ନ ଭିନ୍ନ ଦେଶରେ ପ୍ରଚାରିତ ହେଲା । ସାର୍ ଆଶୁତୋଷ ମୁଖାର୍ଜିଙ୍କ ସଙ୍ଗ ଲାଭକରି ତାଙ୍କର ବିଶେଷ ଉପକାର ହେଲା । ବିଜ୍ଞାନ ପରିଷଦର ଜଣେ ବିଶିଷ୍ଟ ସଭ୍ୟ ଭାବରେ ତାଙ୍କର ସୁନାମ ଭାରତ ଓ ପୃଥିବୀରେ ମଧ୍ୟ ପ୍ରଚାରିତ ହେଲା ।

---

## ବିଲାତ ଯାତ୍ରା

ଭାରତୀୟ ବିଜ୍ଞାନ ପରିଷଦର ଉପସଭାପତି ପଦରେ ଆସୀନ ହୋଇ ଶ୍ରୀଯୁକ୍ତ ରମଣ ବିଜ୍ଞାନ ଆଲୋଚନା ଓ ଭାରତରେ ବିଜ୍ଞାନ କ୍ଷେତ୍ରର ପରିସର ବୃଦ୍ଧିରେ ଲାଗି ପଡ଼ିଲେ । ବନ୍ଧୁମାନେ ତାଙ୍କୁ

ଅନେକ ଥର ବିଦେଶକୁ ଯିବାପାଇଁ ପରାମର୍ଶ ଦେଉଥିଲେ । ବିଦେଶର ବଡ଼ ବଡ଼ ବୈଜ୍ଞାନିକମାନଙ୍କ ସଂସ୍ପର୍ଶରେ ଆସିଲେ, ତାଙ୍କର ତଥ୍ୟଗୁଡ଼ିକ ପୃଥିବୀର ସଭ୍ୟଦେଶମାନଙ୍କରେ ପ୍ରଚାର ହେବାପାଇଁ ସୁଯୋଗ ମିଳିପାରିବ; କିନ୍ତୁ ବିଦେଶକୁ ଯିବାପାଇଁ ସେ ସୁବିଧା ସୁଯୋଗ ପାଇ ନ ଥିଲେ ।

୧୯୨୧ ମସିହାରେ ବ୍ରିଟିଶ ସାମ୍ରାଜ୍ୟର ବିଶ୍ୱବିଦ୍ୟାଳୟ-ମାନଙ୍କର ଏକ ଅଧିବେଶନ ଇଂଲଣ୍ଡର ଓ ପୃଥିବୀର ବୃହତ୍ତମ ସହର ଲଣ୍ଡନରେ ବସିଥିଲା । କଲିକତା ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନେ ଶ୍ରୀଯୁକ୍ତ ରମଣଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧି ମନୋନୀତ କଲେ । ପୁଣି ସାର୍ ଆଶୁତୋଷ ତାଙ୍କୁ ଏ ଅଧିବେଶନରେ ଯୋଗଦେବା ପାଇଁ ବିଶେଷ ଅନୁରୋଧ କରିଥିଲେ । ଶ୍ରୀଯୁକ୍ତ ରମଣ ପ୍ରଥମ ବିଦେଶ ଯାତ୍ରାରେ ବାହାରିଲେ । ଇଂଲଣ୍ଡର ଏ ଅଧିବେଶନରେ ସେ ବିଶେଷ ଭାଗ ନେଇଥିଲେ । ସେହିଠାରେ ତାଙ୍କର ଗୁଣ ଗରିମାର ପରିଚୟ ମିଳିଲା । ସାରା ଇଂଲଣ୍ଡର ବଡ଼ ବଡ଼ ବୈଜ୍ଞାନିକମାନେ ତାଙ୍କୁ ସ୍ୱାଗତ ଜଣାଇଲେ । ସେ ଏଥର ଯାତ୍ରାକାଳରେ ଇଂଲଣ୍ଡରେ ଅଳ୍ପଦିନ ରହିଥିଲେ; କିନ୍ତୁ ଏହି ଅଳ୍ପକାଳ ମଧ୍ୟରେ ଇଂଲଣ୍ଡର ବଡ଼ ବଡ଼ ସହରରେ ତାଙ୍କର ଆବିଷ୍କୃତ ବୈଜ୍ଞାନିକ ତଥ୍ୟଗୁଡ଼ିକ ବିଷୟରେ ଭାଷଣ ଦେଇ ଲୋକମାନଙ୍କୁ ଚମତ୍କୃତ କରି ପକାଇଥିଲେ ।

ଇଂଲଣ୍ଡ ଯାତ୍ରାବେଳେ ସେ ଆଉ ଗୋଟିଏ ନୂତନ ତଥ୍ୟ ପାଇଥିଲେ । ସମୁଦ୍ରର ବିଶାଳ ବପୁ ତାଙ୍କର ନୟନଗୋଚର ହେଲା ସମୁଦ୍ରର ରଙ୍ଗ ନୀଳ କାହିଁକି ? ଏ ପ୍ରଶ୍ନ ତାଙ୍କ ମନରେ ଆନ୍ଦୋଳିତ ହେଲା । ଅନେକ ସମୟ ଚିନ୍ତାକରି ସେ ଠିକ୍‌କଲେ

ସମୁଦ୍ରର ଲହଡ଼ି ଉପରେ ଆଲୋକର ସ୍ପର୍ଶଯୋଗୁଁ ଏପରି ରଙ୍ଗ ଦେଖାଯାଉଛି । ବୈଜ୍ଞାନିକ ଦୃଷ୍ଟିରେ ପ୍ରତ୍ୟେକ ଜିନିଷ ନୂତନ ନୂତନ ରୂପରେ ଦେଖାଯାଏ । ତାଙ୍କର ବଳିତ ଯାହା ଏକ ଅଭିନବ ତଥ୍ୟ ପ୍ରକାଶ କଲା ।

— ——

## ବିଜ୍ଞାନାଚାର୍ଯ୍ୟ ଶ୍ରୀଯୁକ୍ତ ରମଣ

ବିଜ୍ଞାନ ପରିଷଦର ଶ୍ରୀଯୁକ୍ତ ରମଣ ଥିଲେ ଜଣେ ମୁଖ୍ୟ ସଭ୍ୟ । ସେ ପରିଷଦ କାର୍ଯ୍ୟରେ ଅନେକ ସମୟ ଦେଉଥିଲେ । ଏତେବେଳକୁ ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ଯାଇଥିଲା । ଏହି ପରିଷଦ ପକ୍ଷରୁ ଗୋଟିଏ ପତ୍ରିକା ବାହାରୁଥିଲା । ତାହାର ନାମ 'ଭାରତୀୟ ବିଜ୍ଞାନ ପତ୍ର' । ଏହି ପତ୍ରିକା ଆଜି ସୁଦ୍ଧା ଚାଲି ଆସୁଛି । ରମଣ ଏହି ପତ୍ରିକାର ଜଣେ ମୁଖ୍ୟ ସଭ୍ୟ ରୂପେ ରହିଥାନ୍ତି । ଏହି ପତ୍ରିକାର ଖ୍ୟାତି ଶ୍ରୀଯୁକ୍ତ ରମଣଙ୍କର ସହାୟତାରେ ସମଗ୍ର ପୃଥିବୀରେ ପ୍ରସାରିତ ହୋଇଥିଲା । ଭାରତରେ ଏହି ପତ୍ରିକାଟି ସେତେବେଳେ ପ୍ରଥମ ଓ ପ୍ରଧାନ ପତ୍ରିକା ଥିଲା । ପୃଥିବୀର ଅନ୍ୟାନ୍ୟ ଦେଶର ସଭ୍ୟ ଓ ଶିକ୍ଷିତମାନଙ୍କ ମହଲରେ ଏ ପତ୍ରିକାର ଖ୍ୟାତି ମଧ୍ୟ ଥିଲା ।

ଭାରତରେ ସେ ବିଶିଷ୍ଟ ବୈଜ୍ଞାନିକ ଥିଲେ । ଭାରତରେ ଏକ ବିଜ୍ଞାନ କଂଗ୍ରେସ ସଂଗଠନ କରିବାପାଇଁ ସେ ଚେଷ୍ଟାରେ ଲାଗି-ପଡ଼ିଥିଲେ । ସମଗ୍ର ଭାରତରେ ଏହି ଉଦ୍ଦେଶ୍ୟରେ ସେ ପରିଭ୍ରମଣ କରି ବିଜ୍ଞାନର ବାର୍ତ୍ତା ଦେଶବାସୀଙ୍କୁ ଶୁଣାଇଥିଲେ । ତାଙ୍କର ଭାଷଣ ଶୁଣିବାକୁ ହଜାର ହଜାର ଲୋକ ଜମା ହେଉଥିଲେ । ବିଜ୍ଞାନର କଠିନ ବିଷୟକୁ ସେ ଏତେ ସହଜ

ଓ ସରଳ ଭାଷାରେ ବୁଝାଇ ଦେଉଥିଲେ ଯେ, ଲୋକେ ତାଙ୍କ ବକ୍ତୃତା ମୁଗ୍ଧ ହୋଇ ଶୁଣୁଥିଲେ । ଭାରତ ବିଜ୍ଞାନ କ୍ଷେତ୍ରରେ ଯେତେବେଳେ ସମଗ୍ର ପୃଥିବୀରେ ପଛକୁ ପଡ଼ିଥିଲା, ଶ୍ରୀରମଣ ଭାରତରେ ବିଜ୍ଞାନ ମନୋବୃତ୍ତିକୁ ବିକାଶ କରିବାପାଇଁ ସେତେବେଳେ ପ୍ରାଣପଣେ ଉଦ୍ୟମ କରିଥିଲେ ।

୧୯୨୨ ମସିହା ବେଳକୁ ତାଙ୍କର ଖ୍ୟାତି ଭାରତରେ ବ୍ୟାପି ଯାଇଥିଲା । କଲିକତା ବିଶ୍ୱବିଦ୍ୟାଳୟ ରମଣଙ୍କର ବିଜ୍ଞାନ ଆଲୋଚନା ଓ ଗବେଷଣା ଦେଖି ତାଙ୍କୁ 'ବିଜ୍ଞାନାଚାର୍ଯ୍ୟ' ପଦରେ ସେହି ବର୍ଷ ଭୂଷିତ କଲେ । ୧୯୨୪ ମସିହାରେ ସେ ଇଂଲଣ୍ଡର ସୁବିଖ୍ୟାତ ସଙ୍ଗଠନ 'ରୟାଲ ସୋସାଇଟି'ର ସଭ୍ୟ ମନୋନୀତ ହେଲେ ।

## ପୁଣି ବିଦେଶ ଯାତ୍ରା

ଉତ୍ତର ଆମେରିକାରେ କାନାଡ଼ା ଗୋଟିଏ ବଡ଼ ଦେଶ । ଭାରତ ପରି କାନାଡା ଇଂରେଜମାନଙ୍କ ଅଧୀନରେ ବହୁଦିନ ଧରି ରହିଥିଲା । ସେହି କାନାଡ଼ାରେ ବ୍ରିଟିଶ ସାମ୍ରାଜ୍ୟର ବୈଜ୍ଞାନିକ-ମାନଙ୍କର ଗୋଟିଏ ସମ୍ମିଳନୀ ବସୁଥାଏ । ସେହି ୧୯୨୨ ମସିହାରେ ଏହି ସଭା ଡକା ଯାଇଥାଏ । ଭାରତର ପ୍ରତିନିଧି ଭାବରେ ଶ୍ରୀରମଣ ସେ ସମ୍ମିଳନୀରେ ଯୋଗ ଦେଇଥିଲେ । ସେଠାରେ ବିଜ୍ଞାନ ସମ୍ପର୍କରେ ଯେତେ ଆଲୋଚନା ହୋଇଥିଲା, ସେ ସେଥିରେ ବିଶେଷ ଭାଗ ନେଇଥିଲେ ।

କାନାଡ଼ାରୁ ସେ ପୃଥିବୀର ସବୁଠାରୁ ଧନୀ ଓ ସଭ୍ୟଦେଶ ଯୁକ୍ତରାଷ୍ଟ୍ରକୁ ଆସିଲେ । ଆଧୁନିକ ବିଜ୍ଞାନଚର୍ଚ୍ଚା ଓ ବିଜ୍ଞାନାଗାର

ଯୁକ୍ତରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଦେଖାଯାଏ । ଶ୍ରୀରମଣ ଅନେକ ବିଜ୍ଞାନାଗାର ଦେଖିଲେ । ବଡ଼ ବଡ଼ ବୈଜ୍ଞାନିକମାନଙ୍କ ସଙ୍ଗରେ ଆଲୋଚନା କଲେ । ଯୁକ୍ତରାଷ୍ଟ୍ରର ବୈଜ୍ଞାନିକମାନେ ଶ୍ରୀରମଣଙ୍କ ଜ୍ଞାନ ଦେଖି ଆଶ୍ଚର୍ଯ୍ୟ ହେଲେ । ସେତେବେଳେ ସେ ଆମେରିକାର ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫେସର ମିଲିକାନ୍‌ଙ୍କ ସହିତ ସାକ୍ଷାତ କରିଥିଲେ । ଦୁଇ ବୈଜ୍ଞାନିକଙ୍କ ମଧ୍ୟରେ ଅଳ୍ପ ସମୟ ମଧ୍ୟରେ ଘନିଷ୍ଠତା ହୋଇଗଲା । ଶ୍ରୀରମଣ ପ୍ରଫେସର ମିଲିକାନ୍‌ଙ୍କ ବିଜ୍ଞାନାଗାରରେ କିଛିଦିନ ରହି ନିଜର ତଥ୍ୟଗୁଡ଼ିକ ପରୀକ୍ଷାକରି ତାଙ୍କୁ ଦେଖାଇବାର ସୁଯୋଗ ପାଇଥିଲେ ।

ଆମେରିକାରୁ ସେ ଇଂଲଣ୍ଡ ଆସିଲେ । ଇଂଲଣ୍ଡରେ କିଛିଦିନ ଅବସ୍ଥାନ କରି ଇଉରୋପ ମହାଦେଶର ନରୱେ ଦେଶକୁ ବୁଲିବାକୁ ଗଲେ । ସବୁ ଦେଶରେ ଲୋକେ ତାଙ୍କୁ ଭାରି ସମ୍ମାନ ଦେଖାଇଥିଲେ । ତା'ପରେ ସେଠାରୁ ଭାରତ ଫେରି ଆସିଲେ ।

ପୁଣି ଦୁଇ ତିନି ବର୍ଷପରେ ଋଷିଆ ଦେଶରେ 'ଋଷିଆନ୍ ବିଜ୍ଞାନ ପରିଷଦ'ର ଏକ ବିଶେଷ ଅଧିବେଶନ ବସିଥିଲା । କଲିକତା ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ସେ ଉକ୍ତ ସଭାରେ ଯୋଗ ଦେବାକୁ ଋଷିଆ ଯାଇଥିଲେ । ଋଷିଆର ବଡ଼ ବଡ଼ ସହର ସେ ଏତିକିବେଳେ ବୁଲିଥିଲେ । ଋଷିଆରୁ ଫେରି ସେ ଜର୍ମାନୀ, ସୁଇଜରଲାଣ୍ଡ ଓ ଇଟାଲୀର ଅନେକ ସ୍ଥାନ ବୁଲି ଭାରତ ଫେରିଲେ ।

ଶ୍ରୀରମଣ ଜର୍ମାନୀ ଭ୍ରମଣ କରୁଥିଲାବେଳେ ଜର୍ମାନୀ ଫିଜିକ୍‌ସ୍ ସୋସାଇଟିର ସମ୍ପାଦକଙ୍କ ସହିତ ପରିଚିତ ହୋଇଥିଲେ । ସେ ସୋସାଇଟି ତରଫରୁ ଗୋଟିଏ ପତ୍ରିକା ବାହାରୁଥିଲା ।

ସେ ପତ୍ରିକାରେ ଶ୍ରୀରମଣ ତାଙ୍କର ବୈଜ୍ଞାନିକ ଆଲୋଚନା ପ୍ରକାଶ କରିବାପାଇଁ ସୁବିଧା ପାଇଥିଲେ । ଏହି ପତ୍ରିକାରେ ସେ ଭାରତୀୟ ବାଦ୍ୟଯନ୍ତ୍ର ବିଷୟରେ କେତୋଟି ଲେଖା ପ୍ରକାଶ କରିଥିଲେ । ଏ ଲେଖା ଫଳରେ ଭାରତୀୟ ବାଦ୍ୟଯନ୍ତ୍ର ବୀଣା ଓ ମୃଦଙ୍ଗ ସମଗ୍ର ପୃଥିବୀରେ ଖ୍ୟାତି ଲାଭ କରିଥିଲା ।

## ନୋବେଲ ପ୍ରାଇଜ ଗ୍ରହଣ

ଶ୍ରୀରମଣଙ୍କର ଜ୍ଞାନଗରିମା ସମଗ୍ର ପୃଥିବୀରେ ପ୍ରଚାରିତ ହେଲା । ଇଂଲଣ୍ଡର 'ରୟାଲ ସୋସାଇଟି' ଶ୍ରୀରମଣଙ୍କୁ 'ହ୍ୟୁଜେଜ' ସ୍ୱର୍ଣ୍ଣପଦକ ଦେଇ ବିଜ୍ଞାନ ଜଗତରେ ତାଙ୍କର ଶ୍ରେଷ୍ଠତ୍ୱ ସ୍ୱୀକାର କଲେ । ଇଉରୋପ ଆମେରିକାକୁ ପଛରେ ପକାଇ ଦେଇ ଶ୍ରୀରମଣ ଭାରତ ଓ ଏସିଆ ମହାଦେଶର ବିଜ୍ଞାନ କ୍ଷେତ୍ରରେ ମୁଖ ଉଜ୍ଜ୍ୱଳ କଲେ ।

ଏହି ହ୍ୟୁଜେଜ୍ ପଦକ ପାଇବାର ସପ୍ତାହକ ଭିତରେ ପୃଥିବୀର ସବୁ ଦେଶର ପତ୍ର ପତ୍ରିକାରେ ତାଙ୍କର ନାମ ପ୍ରକାଶ ପାଇଲା । ସେତେବେଳକୁ ଉପାଧିମାଳାରେ ସେ ଭୂଷିତ ହୋଇ ସାଇଥିଲେ । ଇଂଲଣ୍ଡର ଏକ ବିଶ୍ୱବିଦ୍ୟାଳୟ ତାଙ୍କୁ ପି. ଏଚ୍. ଡ଼. ପଦ ଦେଇଥିଲେ । ଇଟାଲୀ ଦେଶର ଇଟାଲୀୟାନ୍ ସୋସାଇଟି ତାଙ୍କର ବିଦ୍ୱତ୍ତାରେ ମୁଗ୍ଧ ହୋଇ ସ୍ୱର୍ଣ୍ଣପଦକ ଦେଇଥିଲେ । ବ୍ରିଟିଶ ସରକାର 'ସାର୍' ଉପାଧିରେ ମଧ୍ୟ ତାଙ୍କୁ ଭୂଷିତ କରିଥିଲେ ।

ସେତେବେଳକୁ ଶ୍ରୀ ରମଣ ବିଜ୍ଞାନରେ ଗୋଟିଏ ନୂଆ ତଥ୍ୟ ଆବିଷ୍କାର କରିଥିଲେ । ଏହି ତଥ୍ୟଟି ତାଙ୍କର ନାମ ଅନୁସାରେ

ହୋଇଥିଲା—'ରମଣ ପ୍ରଭାବ' । ଅଣୁଗୁଡ଼ିକ ଆଲୋକକୁ ବିକିରଣ କରନ୍ତି, ତା ଫଳରେ ମୌଳିକ ଆଲୋକର ପରିବର୍ତ୍ତନ ଘଟେ । ଏହି ବିକିରଣର ନାମ ମଧ୍ୟ ଦିଆଗଲା—'ରମଣ ଆଲୋକ' । ଏହାଦ୍ୱାରା ଗଣିତଜ୍ଞ, ଭୌତିକ ବିଜ୍ଞାନବିତ୍ ଓ ରସାୟନ ଶାସ୍ତ୍ର ବିଶାରଦମାନଙ୍କର ନାନାପ୍ରକାର ଗବେଷଣା ପାଇଁ ବହୁ ସୁବିଧା ହେଲା ।

ଏହି 'ରମଣ ପ୍ରଭାବ' ଯେତେବେଳେ ପ୍ରକାଶିତ ଓ ପ୍ରଚାରିତ ହେଲା, ପୃଥିବୀର ବୈଜ୍ଞାନିକମାନେ ରମଣଙ୍କର ଏ ନୂତନ ତଥ୍ୟ ପାଇଁ ତାଙ୍କୁ ସ୍ୱାଗତ ଜଣାଇଲେ । ସେ ବର୍ଷ ଭୌତିକ ବିଜ୍ଞାନ ବିଷୟରେ ନୋବେଲ୍ ପ୍ରାଇଜ ପାଇବା ପାଇଁ ଶ୍ରୀ ରମଣଙ୍କର ନାମ ପ୍ରସ୍ତାବ କରାଗଲା । ନୋବେଲ୍ ପ୍ରାଇଜ ତାଲିକାରେ ସେ ବର୍ଷ ତାଙ୍କ ନାମ ଦେଖାଗଲା । ୧୯୧୩ ମସିହାରେ ଭାରତରୁ କବି ରବୀନ୍ଦ୍ରନାଥ ନୋବେଲ୍ ପ୍ରାଇଜ ପାଇଥିଲେ । ତା ପରେ ଆଉ କେହି ପାଇ ନ ଥିଲେ । ଭୌତିକ ବିଜ୍ଞାନ ବିଷୟରେ ସମଗ୍ର ଏସିଆରୁ ଶ୍ରୀଯୁକ୍ତ ରମଣ ୧୯୩୦ ମସିହାରେ ପ୍ରଥମେ ନୋବେଲ୍ ପ୍ରାଇଜ୍ ପାଇଲେ । ସମଗ୍ର ଏସିଆ ମହାଦେଶରେ ଆନନ୍ଦର ଢେଉ ଖେଳିଗଲା ।

ଶ୍ରୀ ରମଣ ନୋବେଲ ସ୍ୱର୍ଣ୍ଣପଦକ ଓ ଅର୍ଥ ଗ୍ରହଣ କରିବା ପାଇଁ ସ୍ୱିଡ଼େନ୍ ଯାଇଥିଲେ । ସେଠାରେ ବିଜ୍ଞାନ ସମ୍ବନ୍ଧରେ ଏକ ସାରଗର୍ଭକ ଭାଷଣ ଦେଇଥିଲେ । ସ୍ୱିଡେନ୍‌ର ରାଜା ଶ୍ରୀ ରମଣଙ୍କୁ ଏହି ପୁରସ୍କାର ପ୍ରଦାନ କଲେ । ସ୍ୱିଡେନ୍‌ରୁ ଭାରତ ଫେରିବା ବାଟରେ ସେ ଡେନମାର୍କ, ଇଂଲଣ୍ଡ, ଜର୍ମାନୀ ବାଟେ ଆସିଲେ ।

ସେ ସବୁବେଳେ ନିଜ ଗବେଷଣା କାର୍ଯ୍ୟରେ ଲିପ୍ତ ରହୁଥିଲେ । ସେ କହନ୍ତି, ସମ୍ମାନ, ପ୍ରଶଂସା, ପୁରସ୍କାର—ଏଗୁଡ଼ିକ

ବୈଜ୍ଞାନିକ ଜୀବନର ସାଧାରଣ ଘଟଣା ଭାବି, ସର୍ବଦା ନିତ୍ୟ ନୂତନ କ୍ଷେତ୍ରରେ କାର୍ଯ୍ୟ କରିବା ଉଚିତ ।' ତାହାହିଁ ତାଙ୍କ ଜୀବନରେ ସେ ଅକ୍ଷରେ ଅକ୍ଷରେ ପାଳୁଥିଲେ ।

୧୯୩୦ ମସିହାରେ ଗ୍ଲାସଗୋ, ପ୍ୟାରିସ୍ ଓ ବମ୍ବେ ବିଶ୍ୱ-ବିଦ୍ୟାଳୟରୁ ସେ ବିଜ୍ଞାନାଚାର୍ଯ୍ୟ ଉପାଧି ପାଇଥିଲେ । ମାନ୍ଦ୍ରାଜ ଓ ବନାରସ ବିଦ୍ୟାଳୟ ମଧ୍ୟ ତାଙ୍କୁ ସେହି ଉପାଧିରେ ଆଉଥରେ ଭୂଷିତ କରିଥିଲେ । ଆମେରିକା ମହାଦେଶର ଫିଲାଡେଲ୍‌ଫିଆ ବିଶ୍ୱବିଦ୍ୟାଳୟରୁ ସେ ଫ୍ରାଙ୍କ୍‌ଲିନ ସ୍ୱର୍ଣ୍ଣପଦକ ପାଇଥିଲେ । ଏହିପରି କେତେ ସ୍ୱର୍ଣ୍ଣ ପଦକ, କେତେ ପଦବୀ ପ୍ରାପ୍ତି ତାଙ୍କ ଜୀବନର ନିତ୍ୟ ସାଧାରଣ ଘଟଣା ହୋଇ ଆସିଛି; କିନ୍ତୁ ସେ ଜୀବନର ସେହି ଏକମାତ୍ର ବ୍ରତ ବିଜ୍ଞାନ ଗବେଷଣା କାର୍ଯ୍ୟରେ ଲାଗି ରହିଥାନ୍ତି ।

---

## ମହାନୁଭବ ଶ୍ରୀରମଣ

ଶ୍ରୀଯୁକ୍ତ ରମଣ ଜଣେ ବଡ଼ ବୈଜ୍ଞାନିକ; କିନ୍ତୁ ତାଙ୍କ ହୃଦୟ ବଡ଼ ସରଳ; ହୃଦୟରେ ତିଳେ ମାତ୍ର ଗର୍ବ ନାହିଁ । ସ୍ୱଭାବ ଅତି ମଧୁର । ସରଳତା ତାଙ୍କ ଜୀବନର ଏକ ଆଦର୍ଶ ଗୁଣ । ଯେଉଁ-ବେଳେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୁଲୁଥିଲେ ସୁଦ୍ଧା ସେ ବଡ଼ ମେଳାପୀ । ବାଳକମାନଙ୍କ ସଙ୍ଗରେ ମିଶିବାକୁ ସେ ଖୁବ୍ ଭଲପାନ୍ତି । ଦକ୍ଷିଣଭାରତୀୟ ବ୍ରାହ୍ମଣମାନେ ଯେପରି ସବୁବେଳେ ମୁଣ୍ଡରେ ପଗଡ଼ି ବାନ୍ଧି ଥାଆନ୍ତି, ତାଙ୍କର ମୁଣ୍ଡରେ ମଧ୍ୟ ସେହିପରି ଗୋଟିଏ ପଗଡ଼ି ଥାଏ । ବ୍ରାହ୍ମଣମାନଙ୍କର କୁଳାଚାର ସେ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ।

ପରୋପକାର ତାଙ୍କ ଜୀବନର ଏକ ବ୍ରତ । ସେ ଯେତେବେଳେ ରେଙ୍ଗୁନ୍‌ରୁ ନାଗପୁରକୁ ବଦଳି ହେଲେ ସେତେବେଳେ ନାଗପୁର ସହରରେ ପ୍ଲେଗ୍ ଲାଗିଥାଏ । ସେ ରୋଗରେ ଅନେକ ଲୋକ ଆକ୍ରାନ୍ତ ହୋଇଥାନ୍ତି । ଶ୍ରୀ ରମଣ ନିଜର ସୁଖ ଦୁଃଖ ଭୁଲି ଜନସେବା କାର୍ଯ୍ୟରେ ସେତେବେଳେ ଲାଗି ପଡ଼ିଲେ । ତାଙ୍କ ବଙ୍ଗଳା ଆଗରେ ତମ୍ବୁ ପକାଇ କେତେକ ନିରାଶ୍ରୟ ରୋଗୀଙ୍କୁ ଆଶ୍ରୟ ଦେଇଥିଲେ ! ନିଜେ ଆଗ ପଛ ନ ବିଚାରି ରୋଗୀଙ୍କ ସେବାରେ ଲାଗିଯାଉଥିଲେ ।

ସେ ଜଣେ ପ୍ରଧାନ ଶିକ୍ଷାବିତ୍ । ଭାରତର ଶିକ୍ଷାକ୍ଷେତ୍ରରେ ତାଙ୍କର ଦାନ ଅବିସ୍ମରଣୀୟ । ସେ ଜଣେ ବଡ଼ ଜ୍ଞାନୀ, ବିଦ୍ୱାନ୍ ଲୋକ । ସେ ବିଦ୍ୱାନ୍ ଲୋକଙ୍କର ମଧ୍ୟ ଆଦର କରି ଜାଣନ୍ତି । ଭାରତୀୟ ଛାତ୍ରମାନଙ୍କର ଉନ୍ନତି ନିମିତ୍ତ ସେ ଆଜୀବନ ଚେଷ୍ଟା କରି ଆସିଛନ୍ତି । ତାଙ୍କର ଚେଷ୍ଟାଫଳରେ ବିଶାଖାପାଟଣାର ଆନ୍ଧ୍ର କଲେଜର ବିଜ୍ଞାନ ବିଭାଗର ସମଧିକ ଉନ୍ନତି ହୋଇଅଛି ଏବଂ ମହୀଶୂରର ବାଙ୍ଗାଲୋର ସହରରୁ 'କରେଣ୍ଟ ସାଇନ୍‌ସ' ବୋଲି ଆଧୁନିକ ବୈଜ୍ଞାନିକ ଚିନ୍ତାଧାରା ପୂର୍ଣ୍ଣ ଗୋଟିଏ ପତ୍ରିକା ବାହାରୁଥିଲା । କଲିକତାର ବିଜ୍ଞାନ ପରିଷଦର ଆର୍ଥିକ ପରିସ୍ଥିତି ସୁଧାରିବା ନିମନ୍ତେ ସେ ଏକ ପାଣ୍ଠି ସଂଗ୍ରହ କରିଥିଲେ । ଏ ପାଣ୍ଠିରେ ଅଢ଼େଇ କୋଟି ପର୍ଯ୍ୟନ୍ତ ଟଙ୍କା ତାଙ୍କର ଚେଷ୍ଟାରେ ସଂଗୃହୀତ ହୋଇ ପାରିଥିଲା ।

୧୯୩୨ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କଲେ । ସେହି ବର୍ଷଠାରୁ ୧୯୨୭ ପର୍ଯ୍ୟନ୍ତ ସେ ବାଙ୍ଗାଲୋରର ସୁବିଖ୍ୟାତ ବିଜ୍ଞାନ ସଂଗଠନ "ଭାରତୀୟ ବିଜ୍ଞାନ

ଅନୁଷ୍ଠାନ"ରେ ଅନୁସନ୍ଧାନ କାର୍ଯ୍ୟରେ ବ୍ରତୀ ଥିଲେ । ସେହି ଦିନଠାରୁ ବାଙ୍ଗାଲୋର ସହରରେ ତପସ୍ୱୀ ପରି ବୈଜ୍ଞାନିକ ତତ୍ତ୍ୱ ଗବେଷଣାରେ ଲାଗିଥିଲେ ।

ଈଶ୍ୱରଙ୍କ କୃପାରୁ ସେ ଦେଶବାସୀଙ୍କୁ ଶେଷପର୍ଯ୍ୟନ୍ତ ବିଜ୍ଞାନର ଗୌରବ ଦେଖାଇବାରେ ଲାଗିପଡ଼ିଥିଲେ । ଯେଉଁ ଦେଶରୁ ସେ ପ୍ରଥମ ବୈଜ୍ଞାନିକ ହୋଇ ସମଗ୍ର ପୃଥିବୀରେ ନିଜର ଓ ଦେଶର ନାମ ବଢ଼ାଇଥିଲେ, ସେହି ଦେଶ ଦିନେ ବିଜ୍ଞାନ କ୍ଷେତ୍ରରେ ଉଚ୍ଚତମ ସ୍ଥାନ ଲାଭକରୁ, ଏହାହିଁ ତାଙ୍କର ଆଶାଥିଲା ।

ବୈଜ୍ଞାନିକ ରମଣ ୧୯୭୨ ମସିହା ନଭେମ୍ବର ୨୧ ତାରିଖରେ ମୃତ୍ୟୁ ହେଲା । ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ, ଏହାହିଁ ଭାରତବାସୀଙ୍କର ଈଶ୍ୱରଙ୍କ ନିକଟରେ ନିବେଦନ ।

---

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ-୨